**ମଦ ଜବତ, ଜଣେ ଗିରଫ**

ବଉଣ୍ଡା,(ପରିକ୍ଷିତ ସାହୁ): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପୋଲିସ ରବିବାର ଠାକୁରଗଡ଼ର ଟିକନ ବେହେରାଙ୍କ ଘରୁ ୧୨ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରିଛି। ଏଥିସହ ତାଙ୍କୁ ଗିରଫ କରିଛି। ପୋଲିସ କହିଛି, ଟିକନ ଏକ ବ୍ୟାଗରେ ୧୨ ଲିଟର ଦେଶୀ ମଦ ଧରି ନେଉଥିବାବେଳେ ପୋଲିସ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ଏ ନେଇ ନଂ. ୪୯/୨୪ରେ ଏକ ମାମଲା ରୁଜୁ ହୋଇଛି।

# ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ

ଅନୁଗୋଳ,୪।୩(ଅମିତ ସାମଲ)

ଅନୁଗୋଳ ଚାଷୀ ସୁରକ୍ଷା କମିଟି ପକ୍ଷରୁ ସୋମବାର ବଅଁରପାଳ ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କମିଟିର କର୍ମକର୍ତ୍ତା ଓ ଶତାଧିକ ଚାଷୀ ବଅଁରପାଳ ଜଗନ୍ନାଥ ମନ୍ଦିରଠାରୁ ଏକ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରି ତହସିଲ ଅଫିସ ସମ୍ମୁଖରେ ପହଞ୍ଚି ଚକବନ୍ଦୀ ଗ୍ରାମର ଶାବକ ଦଖଲର ୧୦୦ ପ୍ରତିଶତ ରିପୋର୍ଟ ପ୍ରଦାନ ଓ ଚକ ରେକର୍ଡ ଉଚ୍ଛେଦ ପର୍ଯ୍ୟନ୍ତ ଜମି ଅଧିଗ୍ରହଣ ବନ୍ଦ ଦାବିରେ ବିକ୍ଷୋଭ କରିଥିଲେ। କମିଟି ସଭାପତିଙ୍କ ନେତୃତ୍ୱରେ କାଳୀଚରଣ ପ୍ରଧାନ, କୃତାର୍ଥ ଗଡନାୟକ, ଅଭୟ ଧର, ହର୍ଷବର୍ଦ୍ଧନ ସାହୁ, ବିଭୂତି ଭୂଷଣ ଗଡ଼ନାୟକ, ଗୋଲେଖ ଦାସ, ବ୍ରଜବନ୍ଧୁ ପ୍ରଧାନ ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ।

# ସରିଲା ପରୀକ୍ଷା, ୧୫ରୁ ମୂଲ୍ୟାୟନ

ଅନୁଗୋଳ,୪।୩(ଅମିତ ସାମଲ)

ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରିଚାଳିତ ମାଟ୍ରିକ୍ ପରୀକ୍ଷା ସୋମବାର ଶେଷ ହୋଇଛି। ଅନୁଗୋଳ ଜିଲାରେ ୯୨ଟି ପରୀକ୍ଷା କେନ୍ଦ୍ରରେ ୧୭, ୦୯୪ ଜଣ ପରୀକ୍ଷାର୍ଥୀ ନାମ ପଞ୍ଜୀକରଣ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୨୩୨ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ଶେଷ ଦିନରେ ରେଗୁଲାର ଓ ଏକ୍ସ ରେଗୁଲାରରେ ୧୬, ୭୩୯ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୬,୪୮୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ୨୫୭ ଜଣ ଶେଷ ଦିନରେ ଅନୁପସ୍ଥିତ ରହିଛନ୍ତି। ସେହିଭଳି ରାଜ୍ୟ ମୁକ୍ତ ବିଦ୍ୟାଳୟରେ ୨୭୯ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୧୩ ଜଣ ପରୀକ୍ଷାରେ ଉପସ୍ଥିତ ଥିବାବେଳେ ୬୬ ଜଣ ଅନୁପସ୍ଥିତ ଥିଲେ। ମଧ୍ୟମାରେ ୨୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୭ ଜଣ ପରୀକ୍ଷା ଦେଇଥିବାବେଳେ ୩ ଅନୁପସ୍ଥିତ ରହିଥିବା ଜିଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଗତ ୨୦ ତାରିଖରୁ ଆରମ୍ଭ ହୋଇଥିବା ମାଟ୍ରିକ୍ ପରୀକ୍ଷାରେ ୨ ଜଣ ପରୀକ୍ଷାର୍ଥୀ ଅସାଧୁ ଉପାୟ ଅବଲମ୍ବନ କରି ଧରାପଡ଼ିଥିବା ସୂଚନା ରହିଛି। ଅନ୍ୟପକ୍ଷରେ ଆସନ୍ତା ୧୫ ତାରିଖରୁ ଅନୁଗୋଳ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ପରୀକ୍ଷାଖାତା ମୂଲ୍ୟାୟନ କରାଯିବ ବୋଲି ଜିଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ଯୁବଶକ୍ତିଙ୍କୁ ଶତପ୍ରତିଶତ ଆତ୍ମନିର୍ଭର କରାଇବ- ଧର୍ମେନ୍ଦ୍ର

## ଅନୁଗୋଳରେ 'ସ୍କିଲ ଇଣ୍ଡିଆ ସେଣ୍ଟର', କେନ୍ଦ୍ରୀୟ ବିଦ୍ୟାଳୟ -୨ ଓ ଜନ ଶିକ୍ଷଣ ସଂସ୍ଥାନ ଲୋକାର୍ପିତ

ଅନୁଗୋଳ,୪।୩ (ଅମିତ କୁମାର ସାମଲ)

ଅନୁଗୋଳ ଜିଲାରେ ପ୍ରତିଷ୍ଠା ହୋଇଥିବା ସ୍କିଲ ଇଣ୍ଡିଆ ସେଣ୍ଟର ଜିଲାର ଯୁବଶକ୍ତିଙ୍କୁ ଶତପ୍ରତିଶତ ରୋଜଗାର ଦେଇ ଆତ୍ମନିର୍ଭର କରାଇବ। ସୋମବାର ଏହି ସେଣ୍ଟରର ଲୋକାର୍ପଣ ସହ ଅନ୍ୟାନ୍ୟ ପ୍ରକଳ୍ପର ଉଦ୍‌ଘାଟନ କରିବା ଅବସରରେ ଏହା କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ନଗରପାଳ ଅକ୍ଷୟ କୁମାର ସାମନ୍ତ, ଉପାଧ୍ୟକ୍ଷା ଅନୁପମା ସାହୁ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ଭକ୍ତି ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଲେ, ଯୁବପିଢ଼ିଙ୍କୁ କୁଶଳୀ କରିବା ଲକ୍ଷ୍ୟରେ ଭାରତ ସରକାରଙ୍କ ସ୍କିଲ ଇଣ୍ଡିଆ ଏବଂ ଏନ୍‌ଏସ୍‌ଡିସିର ମିଳିତ ଆନୁକୂଲ୍ୟରେ ଅତ୍ୟାଧୁନିକ ସ୍କିଲ ଇଣ୍ଡିଆ ସେଣ୍ଟର ଆମଲାପଡାଠାରେ ସ୍ଥାପିତ ହୋଇଛି। ଆଇଟିଆଇ, ଡିପ୍ଲୋମା, ସ୍ନାତକ ଡିଗ୍ରୀ



ପାଇବା ପରେ ଜିଲାରେ ଥିବା ଯୁବଶକ୍ତିଙ୍କ ଦକ୍ଷତା ବଢ଼ାଇବା ଦିଗରେ ଏହା ସହାୟକ ହେବ। ଏହି ସେଣ୍ଟରରେ ସ୍ୱଳ୍ପ ମୂଲ୍ୟରେ ଆଧୁନିକ ଦୁନିଆର କାର୍ଯ୍ୟ ପାଇଁ ତାଲିମ ଦିଆଯିବ। ପ୍ରତିବର୍ଷ ୧୨ଶହରୁ ଊର୍ଦ୍ଧ୍ୱ ଯୁବତୀ ଯୁବକ ପ୍ରଶିକ୍ଷଣ ନେଇ ଶତପ୍ରତିଶତ ରୋଜଗାର ପାଇବେ। ଏହି ସେଣ୍ଟରରେ ୫ଟି ଆଧୁନିକ ଲ୍ୟାବ ଏବଂ ପ୍ରଶିକ୍ଷଣ ନିମନ୍ତେ ୩ଟି ଟ୍ରେନିଂ ହଲ ଅଛି। ୩ ମାସରେ ୮ଟି ବିଷୟରେ ପ୍ରଶିକ୍ଷଣ ଦିଆଯିବ। ସ୍କିଲ ଇଣ୍ଡିଆ ମିଶନ ଅଧୀନରେ ନ୍ୟୁ ଏଜ ସ୍କିଲ୍ସ, ଗ୍ରାଫିକ୍ସ ଡିଜାଇନ, ପ୍ରଯୁକ୍ତିବିଦ୍ୟା ଓ ପ୍ରଯୁକ୍ତିସେବା ଫୁଡ ଆଣ୍ଡ ବେଭରେଜ ସର୍ଭିସେସ ଭଳି ବିବିଧ କ୍ଷେତ୍ରରେ ତାଲିମ ଦିଆଯିବ।

ଏହି ଗସ୍ତକାଳରେ ପ୍ରଧାନ ଅନୁଗୋଳର ରାଣିଗୋଡ଼ାରେ କେନ୍ଦ୍ରୀୟ ବିଦ୍ୟାଳୟ-୨ର ନୂତନ ଭବନ ସହ ଶିମିଳିପଡାଠାରେ ଜନ ଶିକ୍ଷଣ ସଂସ୍ଥାନ (ଜେଏସ୍‌ଏସ୍)ର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ କହିଥିଲେ, କେନ୍ଦ୍ରୀୟ ବିଦ୍ୟାଳୟ-୨ର ନୂତନ ଭବନ ସ୍ଥାନୀୟ ଅଞ୍ଚଳରେ ଗୁଣାତ୍ମକ ଶିକ୍ଷାର ଆବଶ୍ୟକତାକୁ ପୂରଣ ସହ ଶିକ୍ଷାର ନୂଆ ପରିଭାଷା ତିଆରି କରିବ। ସମାଜର ଅନ୍ତିମ ଶ୍ରେଣୀରେ ଥିବା ଲୋକମାନଙ୍କ ଦକ୍ଷତା ବଢ଼ାଇବା ପାଇଁ ଜନ ଶିକ୍ଷଣ ସଂସ୍ଥାନ ସ୍ଥାପନା ହୋଇଛି। ଶିମିଳିପଡା ଠାରେ ନବକଳେବର ହୋଇଥିବା ଜନ ଶିକ୍ଷଣ ସଂସ୍ଥାନ ଦ୍ୱାରା ମହିଳାମାନଙ୍କ ଦକ୍ଷତା ବୃଦ୍ଧି ପାଇବ। ସେମାନେ ତାଲିମ ପାଇ ପ୍ରଧାନମନ୍ତ୍ରୀଙ୍କ କଳ୍ପନାରେ ଆରମ୍ଭ ହୋଇଥିବା ଲକ୍ଷପତି ଦିଦି ହେବାର ସପ୍ନ ପୂରଣ କରିପାରିବେ।

# ଓଭରବ୍ରିଜ୍ କାମ ତ୍ୱରାନ୍ୱିତ ପାଇଁ ଦାବିପତ୍ର

ତାଳଚେର,୪।୩(ମନୋଜ ନନ୍ଦ)

ତାଳଚେର ବ୍ଲକ ହାଣ୍ଡିଧୁଆରୁ ଘଣ୍ଟପଡ଼ା ପଞ୍ଚାୟତର ପ୍ରବେଶ ମାର୍ଗ ସ୍ଥିତ ନିର୍ମାଣାଧୀନ ଓଭରବ୍ରିଜ୍ କାର୍ଯ୍ୟ ତ୍ୱରାନ୍ୱିତ କରିବା ଓ ଲେଭଲ କ୍ରସିଂ ଫାଟକର ଉଭୟ ପାର୍ଶ୍ୱରେ ବିଶ୍ରାମସ୍ଥଳୀ ଏବଂ ପାନୀୟ ଜଳ ବ୍ୟବସ୍ଥା କରିବା ପାଇଁ ସୋମବାର ଜନ ବିକାଶ କଲ୍ୟାଣ ସଂଘ ତରଫରୁ ଉପଜିଲାପାଳ ମନୋଜ କୁମାର ତ୍ରିପାଠୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ଏହି ରେଳ ଫାଟକ ଦେଇ ପ୍ରତ୍ୟେକ ଦିନ ଖଣି ଭିତରୁ ଶତାଧିକ କୋଇଲା ବୋଝେଇ ଟ୍ରେନ୍ ଏବଂ ଖାଲି ଗାଡି ଯିବା ଆସିବା କରୁଛି। ଫଳରେ ପ୍ରତି ୫ ରୁ ୧୦ ମିନିଟ୍‌ରେ ଫାଟକ ପଡୁଛି। ଏଥିଯୋଗୁ ଆମ୍ବୁଲାନ୍ସ, ସ୍କୁଲ କଲେଜ ଛାତ୍ରୀଛାତ୍ର, ସରକାରୀ ବେସରକାରୀ କର୍ମଚାରୀ, ନିକଟସ୍ଥ ଗ୍ରାମବାସୀ, ପଥଚାରୀମାନଙ୍କ ଯାତାୟାତରେ ଘୋର ଅସୁବିଧା ସୃଷ୍ଟି ହେଉଛି। ଏପରି କି ଲେଭଲ କ୍ରସିଂ ନିକଟରେ ଘଣ୍ଟା ଘଣ୍ଟା ଛିଡ଼ାହେବାକୁ ପଡୁଛି। ଦୀର୍ଘ ୧୦ ବର୍ଷ ବିତିଯାଇଥିଲେ ମଧ୍ୟ ଓଭରବ୍ରିଜ କାର୍ଯ୍ୟ ଅଧାପନ୍ତରା ହୋଇ ପଡ଼ିରହିଛି। ତେଣୁ ଓଭରବ୍ରିଜ୍ କାର୍ଯ୍ୟ ତ୍ୱରାନ୍ୱିତ ସହ ଫାଟକ ପାଖରେ ଛିଡା ହେଉଥିବା ଲୋକଙ୍କୁ ଅଂଶୁଘାତରୁ ରକ୍ଷା କରିବାକୁ ତୁରନ୍ତ ପଦକ୍ଷେପ ନେବାକୁ ସଂଘ ସଭାପତି ଭୁପେନ ଥମ୍ବ, ସରୋଜ ଧର, ଜିତେନ୍ଦ୍ର କୁମାର ମହାପାତ୍ର, କ୍ଷୀରୋଦ ସାହୁ, ରାଜୀବ ଦାସ, ରତି ବେହେରା ପ୍ରମୁଖ ଦାବି କରିଛନ୍ତି।



ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଅଭିଯୋଗ ଶୁଣିଲେ ଜିଲା, ବ୍ଲକସ୍ତରୀୟ ଅଧିକାରୀ

ଅନୁଗୋଳ,୪।୩(ଅମିତ କୁମାର ସାମଲ)

ଅନୁଗୋଳ ଜିଲାର ବିଭିନ୍ନ ବ୍ଲକରେ ସୋମବାର ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମହମ୍ମଦ ଅବଦଲ ଅଖତାରଙ୍କ ଅଧ୍ୟକ୍ଷତାରେ ପାଲଲହଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର ଯୋଗ ଦେଇଥିଲେ। ଜନଶୁଣାଣି ଶିବିରରେ ସମୁଦାୟ ୫୦ଟି ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ସେଥିମଧ୍ୟରୁ ୪୦ଟି ବ୍ୟକ୍ତିଗତ ଓ ୧୦ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି କରାଯାଇଥିଲା। ୪ଟି ଅଭିଯୋଗର ତୁରନ୍ତ ଫଇସଲା ଶିବିରରେ କରାଯାଇଥିଲା। ରେଡ୍‌କ୍ରସ୍‌ରୁ ୨ ଜଣଙ୍କୁ ୧୭ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପାଲଲହଡା ଉପଜିଲାପାଳ ସୁଶାନ୍ତ କୁମାର ପତିଙ୍କ ସମେତ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ସେହିପରି



ଅନୁଗୋଳ ଜିଲା କାର୍ଯ୍ୟାଳୟଠାରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରାତିମୟଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମୁଦାୟ ୭୨ ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ସେଥିମଧ୍ୟରୁ ୬୫ଟି ବ୍ୟକ୍ତିଗତ ଓ ୭ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗ ରହିଥିଲା। ରେଡ୍‌କ୍ରସ୍‌ରୁ ୨ ଜଣଙ୍କୁ ୧୦ ହଜାର ଟଙ୍କା ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ ଜଣଙ୍କୁ ୧୫ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି ଶିବିରରେ ଅନୁଗୋଳ ଉପଜିଲାପାଳ ବରଣ୍ୟେନ୍ଦୁ ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ସେହିପରି ଜିଲାର ୭ଟି ବ୍ଲକର ପଞ୍ଚାୟତସ୍ତରରେ ଅନୁଗୋଳ ବ୍ଲକର ମାଟିଆସାହି, ତାଳଚେର ବ୍ଲକର ସନ୍ଥପଡା, ବଅଁରପାଳ ବ୍ଲକର ଗୋଡମରା, ଛେଣ୍ଡିପଦା ବ୍ଲକର କଣଲୋଇ, କିଶୋରନଗର ବ୍ଲକର କଣ୍ଟେଇକୋଳିଆ, କଣିହାଁର ସମଲ ଓ ଆଠମଲ୍ଲିକର ପାଇକସାହି ପଞ୍ଚାୟତଠାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସମସ୍ତ ଅଭିଯୋଗ ଶୁଣାଣିରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାରଙ୍କ ସମେତ ବିଭିନ୍ନ ବିଭାଗର ବ୍ଲକସ୍ତରୀୟ ଏବଂ ପଞ୍ଚାୟତସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଟ୍ରାକ୍ଟର ଧକ୍କାରେ ଜଣେ ମୃତ

ଅନୁଗୋଳ,୪।୩(ଅମିତ ସାମଲ)

ଅନୁଗୋଳ ସଦର ଥାନା କୁମଣ୍ଡଠାରେ ସୋମବାର ଟ୍ରାକ୍ଟର ଧକ୍କାରେ ଜଣେ ପ୍ରାଣ ହରାଇଥିବାବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ରାଜକିଶୋରପଡାର ରାକେଶ ମହାପାତ୍ର(୨୬)। ଗୁରୁତର ହେଲେ କେନ୍ଦ୍ରାପଡା ଜିଲାର ଦିବ୍ୟଜ୍ୟୋତି ନାୟକ(୨୭)। ପୋଲିସ କହିଛି, ରାକେଶ ଏବଂ ଦିବ୍ୟଜ୍ୟୋତି ବୁଲେଟ ଯୋଗେ ଏକ ଶିଳ୍ପସଂସ୍ଥାକୁ ଯାଉଥିବାବେଳେ ଏକ ଟ୍ରାକ୍ଟର ଧକ୍କା ଦେଇଥିଲା। ଘଟଣାସ୍ଥଳରେ ରାକେଶଙ୍କ ମୃତ୍ୟୁ ହୋଇଥିଲା। ଦିବ୍ୟଜ୍ୟୋତିଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟବାସୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ ମେଡିକାଲକୁ ପଠାଯାଇଛି। ଦୁର୍ଘଟଣା ପରେ କ୍ଷତି ପୂରଣ ଦାବିରେ ସ୍ଥାନୀୟବାସୀ ଏବଂ ପରିବାର ଲୋକେ ରାସ୍ତା ଅବରୋଧ କରିଥିଲେ। ଖବରପାଇ ସଦର ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା।

# ଆନ୍ଦୋଳନ ଚେତାବନୀ ଦେଲା କ୍ରିୟାନୁଷ୍ଠାନ କମିଟି

ତାଳଚେର,୪।୩ (ମନୋଜ ନନ୍ଦ)

ତାଳଚେରସ୍ଥିତ ପବିତ୍ର ମୋହନ ମେଡିକାଲକୁ କଲେଜରେ ପରିଣତ କରିବା ପାଇଁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ମନୋଜ କୁମାର ତ୍ରିପାଠୀଙ୍କୁ ସୋମବାର ଦାବିପତ୍ର ପ୍ରଦାନ କରାଯାଇଛି। ଆସନ୍ତା ୧୦ ଦିନ ମଧ୍ୟରେ ମେଡିକାଲକୁ କଲେଜରେ ପରିଣତ କରା ନ ଗଲେ ବାଧ୍ୟ ହୋଇ ଅନୁଷ୍ଠାନ ପକ୍ଷରୁ ୧୫ ତାରିଖ ଦିନ ଆନ୍ଦୋଳନ କରାଯିବ ବୋଲି କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି।

ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ଅନୁଗୋଳ ଜିଲାରେ ଗଢ଼ି ଉଠିଥିବା ଖଣି ଖାଦାନ ଓ ଶିଳ୍ପାନୁଷ୍ଠାନ ଯୋଗୁ ତାଳଚେର ଅଞ୍ଚଳ ଦେଶର ସବୁଠାରୁ ଅଧିକ ପ୍ରଦୂଷିତ ହେଉଛି। ଏଥିଯୋଗୁ ଯକ୍ଷ୍ମା, କ୍ୟାନସର, ହୃଦ୍‌ରୋଗ ଏଠାରେ ବୃଦ୍ଧି ପାଉଛି। ଉପଯୁକ୍ତ ଚିକିତ୍ସା ଅଭାବରୁ ଅନେକ ରୋଗୀଙ୍କ ଜୀବନ ଯାଉଛି। ଏହାକୁ ଗୁରୁତ୍ୱ ଦେଇ ୩୩୦ ବେଡର ମେଡିକାଲ୍‌କୁ ଶୀଘ୍ର କଲେଜରେ ପରିଣତ କରି ଅଞ୍ଚଳବାସୀଙ୍କ ପାଇଁ ଉପଯୁକ୍ତ ଚିକିତ୍ସା ସୁବିଧା କରିବାର ଆବଶ୍ୟକତା ରହିଛି। ମେଡିକାଲରୁ କଲେଜରେ ପରିଣତ କରିବା ପାଇଁ ଆବଶ୍ୟକ ଡାକ୍ତର, ପ୍ରଫେସର, ବିଶେଷଜ୍ଞ, କର୍ମଚାରୀ ଏବଂ ଅନ୍ୟାନ୍ୟ ଡାକ୍ତରୀ ସରଞ୍ଜାମ ବ୍ୟବସ୍ଥା କରାଯାଉ। ଅବିଭକ୍ତ ଢେଙ୍କାନାଳ ଜିଲାର ବିଭିନ୍ନ ଡାକ୍ତରଖାନାରୁ ରୋଗୀମାନଙ୍କୁ ନେବା ଆଣିବା ନିମିତ ଅତ୍ୟାଧୁନିକ ବ୍ୟବସ୍ଥାରେ ଥିବା ୩୦ଟି ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଉ। ଏହି ଦାବିପତ୍ର ପ୍ରଦାନ ବେଳେ ଅନୁଷ୍ଠାନର ଆବାହକ ପଦ୍ମଚରଣ ସାମଲ, ପୂର୍ବତନ ନଗରପାଳ କେଶବ ଭୂତିଆ, ଅଭୟ ପାଣି, ଚୈତନ୍ୟ ପ୍ରଧାନ, ପ୍ରେମାନନ୍ଦ ମହାନ୍ତି, ବଳରାମ କୁଣ୍ଡ, ବିନୋଦ ଲାଲ, ଗଗନ ଦାସ, ସୁକାନ୍ତ ଦାସ, ଉତ୍କଳ ସିଂ, ପଦ୍ମନାଭ ସାହୁ, ସଂଗ୍ରାମ କେଶରୀ କୁଅଁର, ପ୍ରଭାକର ସାହୁ, ପ୍ରଫୁଲ ନାଏକ, ସଞ୍ଜୀବ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।



ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ସିଆଇଏସ୍‌ଏଫ୍ ଯବାନଙ୍କ ବିୟୋଗ

କଣିହାଁ,୪।୩(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ଏନ୍‌ଟିପିସି ପ୍ରକଳ୍ପରେ କାର୍ଯ୍ୟରତ ସିଆଇଏସ୍‌ଏଫ ଯବାନ ମହାରାଷ୍ଟ୍ର ନାସିକ ଜିଲା ସାତାନା ଥାନା ଭାବନଗର ଗ୍ରାମର ପାୱାରରାମଦାସ ଆତ୍ମାରାମ (୩୨)ଙ୍କ ରବିବାର ରାତିରେ ବିୟୋଗ ହୋଇଯାଇଛି। ପାୱାରରାମଦାସ ଡ୍ୟୁଟି ସାରି କ୍ୱାଟର୍ସକୁ ଫେରିଥିଲେ। ରାତିରେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ପରିବାର ଲୋକେ ଏନ୍‌ଟିପିସି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ଏନ୍‌ଟିପିସି ଟାଉନ ଥାନା ପୋଲିସ ନଂ. ୧/୨୪ରେ ଅପମୃତ୍ୟୁ ମାମଲା ରୁଜୁ କରି ତାଳଚେର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଅଧିକ ତଦନ୍ତ ଜାରି ରହିଥିବା ଥାନା ସବ ଇନ୍ସପେକ୍ଟର ଏମ୍.ଡି. ପଣ୍ଡା ପ୍ରକାଶ କରିଛନ୍ତି।

# ୬ରେ ୫-ଟି ଅଧ୍ୟକ୍ଷଙ୍କ ଛେଣ୍ଡିପଦା ଗସ୍ତ

ଛେଣ୍ଡିପଦା,୪।୩(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକକୁ ଆସନ୍ତା ୬ ତାରିଖରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଓ ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାଶଙ୍କ ଗସ୍ତ କାର୍ଯ୍ୟକ୍ରମ ରହିଛି। ଏ ନେଇ ଛେଣ୍ଡିପଦା ଡାକ ବଙ୍ଗଳାଠାରେ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଶରତ ଗଡ଼ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ବିଧାୟକ ସୁଶାନ୍ତ କୁମାର ବେହେରା, ଜିଲା ପରିଷଦ ସଦସ୍ୟ ପ୍ରଦୀପ ସାହୁ ଯୋଗଦେଇ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଏଥିସହ ମଙ୍ଗଳବାର ବିଜୁବାବୁଙ୍କ ଜୟନ୍ତୀ ବନଦୁର୍ଗା ପୀଠଠାରେ ପାଳନ କରାଯିବା ନେଇ ଆଲୋଚନା କରାଯାଇଥିଲା। ବୁଧବାର ୫-ଟି ଅଧ୍ୟକ୍ଷ ଓ ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ଛେଣ୍ଡିପଦା ବ୍ଲକ ଗସ୍ତରେ ଆସି ବରସାହି ପଞ୍ଚାୟତ ଖେଳ ପଡିଆଠାରେ ଆୟୋଜିତ ସାଧାରଣ ସଭାରେ ଯୋଗ ଦେବେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୫ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଯୋଗ ଦେବେ। ଏ ନେଇ ବିଧାୟକ ଓ ପୋଲିସ, ପ୍ରଶାସନ ପକ୍ଷରୁ ଉକ୍ତ ପଡିଆ ନିରୀକ୍ଷଣ କରାଯିବା ସହ ସୁରକ୍ଷାର ସମୀକ୍ଷା କରାଯାଇଛି। ଏହି ସମୀକ୍ଷା କାର୍ଯ୍ୟକ୍ରମରେ ଜିଲାପରିଷଦ ସଦସ୍ୟ ନଗେନ ପ୍ରଧାନ, ସରପଞ୍ଚ ଜନ୍ମେଜୟ ମାଝି, ଅମରେଶ ନାଥ, ପୂର୍ବତନ ସରପଞ୍ଚ ସୌଭାଗ୍ୟ ପ୍ରଧାନ, ବିଜୟ ଗଡ଼ନାୟକ, ତ୍ରିନାଥ ବେହେରା, ସତ୍ୟବ୍ରତ ଦେହୁରୀ, ସୌରଭ ରଞ୍ଜନ ବେହେରା, ଜୟନ୍ତ ସାହୁ, ବାସୁଦେବ ସାହୁଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ।



# ଗୋରୁ ବୋଝେଇ ଭ୍ୟାନ୍ ଓଲଟିଲା, ୨ ଗିରଫ

ବଉଣ୍ଡା,୪।୩(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଠାକୁରଗଡ଼ ଥାନା ବାତ୍ରାଖୋଲ ଗ୍ରାମରେ ରବିବାର ଏକ ଚୋରା ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ ଓଲଟି ପଡିଛି। ଫଳରେ ଭ୍ୟାନ୍‌ରେ ବୋଝେଇ ହୋଇଥିବା ଗୋରୁଙ୍କ ମଧ୍ୟରୁ ୩ ଗୋରୁଙ୍କ ମୃତ୍ୟୁ ହୋଇଛି। ଏହି ଚୋରାଚାଲାଣ ଅଭିଯୋଗରେ ୨ ଜଣ ଗୋରୁ ବ୍ୟବସାୟୀଙ୍କୁ ଠାକୁରଗଡ଼ ପୋଲିସ ଗିରଫ କରିଛି। ଗାଡି ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଗିରଫ ବ୍ୟବସାୟୀ ହେଲେ ନୟାଗଡ଼ ଜିଲା ମାଣିକଗୁଡ଼ା ଗ୍ରାମର ଆରଭାଜ ଖାଁ, ସେଖ ଅସୀମ। ସେମାନଙ୍କ ନାମରେ ନମ୍ବର ୪୬/୨୪ରେ ଏକ ମାମଲା ରୁଜୁ କରି ସୋମବାର ଉଭୟଙ୍କୁ ଆଠମଲ୍ଲିକ କୋର୍ଟ ଚାଲାଣ କରାଯାଇଛି। ଘଟଣାରୁ ଜଣାପଡିଛି, ଠାକୁରଗଡ଼ ଥାନା ଅଞ୍ଚଳରେ କିଛିମାସ ହେବ ଜରପଡା ସ୍ଥିତ ସାପ୍ତାହିକ ହାଟରେ ବେଆଇନ ଭାବେ ଗୋରୁ ବିକ୍ରି କରାଯାଉଛି। ରବିବାର ଜରପଡା ଅଞ୍ଚଳରୁ ଏକ ପିକ୍‌ଅପ୍ ଭ୍ୟାନ ନମ୍ବର (ଓଡି ୦୫ ବିଜେ ୧୯୦୫) ଯୋଗେ ୧୨ଟି ଗୋରୁ ବେଆଇନ ଭାବେ ବୋଝେଇ କରି କଟକ ଅଭିମୁଖେ ଚାଲାଣ କରୁଥିବାବେଳେ ଖବରପାଇ ଠାକୁରଗଡ଼ ପୋଲିସ ଉକ୍ତ ଗାଡି ପିଛା କରିଥିଲା। ହେଲେ ପୋଲିସ ଭ୍ୟାନକୁ ଦେଖି ଗୋରୁ ବୋଝେଇ ଭ୍ୟାନର ଚାଳକ ଦ୍ରୁତଗତିରେ ଯାଉଥିବାବେଳେ ବାତ୍ରାଖୋଲ ନିକଟରେ ଗାଡ଼ିଟି ଓଲଟି ପଡିଥିଲା।

# କଣିହାଁ ଥାନାରେ ନୂତନ ଆଇଆଇସି



କଣିହାଁ,୪।୩(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ଥାନାରେ ନୂତନ ଆଇଆଇସି ଭାବେ ମନୋଜ କୁମାର ପ୍ରଧାନ ଯୋଗ ଦେଇଛନ୍ତି। ପୂର୍ବରୁ ଏଠାରେ କାର୍ଯ୍ୟରତ ଭାରପ୍ରାପ୍ତ ଥାନା ଅଧିକାରୀ ଅରୁଣ କୁମାର ପଣ୍ଡା ସୋମବାର ନୂତନ ଥାନା ଅଧିକାରୀ ମନୋଜଙ୍କୁ ଶୁଭେଚ୍ଛା ଜଣାଇ ଦାୟିତ୍ୱ ଅର୍ପଣ କରିଥିଲେ। ନ୍ୟାୟିକ ବ୍ୟବସ୍ଥା ଦିଗରେ ସମସ୍ତଙ୍କ ସହଯୋଗରେ କାର୍ଯ୍ୟ କରିବାକୁ ପ୍ରାଥମିକତା ଦିଆଯିବ ବୋଲି ନୂତନ ଆଇଆଇସି ମନୋଜ କହିଛନ୍ତି।

# ବ୍ଲକ କଳାକାରଙ୍କ ସମସ୍ୟା ନେଇ ଆଲୋଚନା

କଣିହାଁ,୪।୩(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ବଜ୍ରକୋଟ ପଞ୍ଚାୟତ ଦେନାଳି ଗ୍ରାମ ରାମେଶ୍ୱର ଶିବମନ୍ଦିର ପ୍ରାଙ୍ଗଣରେ ରବିବାର ଅନୁଗୋଳ ଜିଲା କଳାକାର ସାମୁଖ୍ୟ ସଂଘ ସଭାପତି ନବଘନ ସାମଲଙ୍କ ଅଧ୍ୟକ୍ଷତାରେ କଳାକାରଙ୍କ ବିଭିନ୍ନ ସମସ୍ୟାକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କଣିହାଁ ବ୍ଲକ ବିଭିନ୍ନ ଗ୍ରାମାଞ୍ଚଳର କଳାକାରଙ୍କ ସମସ୍ୟା ସମାଧାନ ଏବଂ ସରକାରଙ୍କ ତରଫରୁ ପଞ୍ଚାୟତସ୍ତରୀୟରେ ବାଲ୍ୟବିବାହ ଶିଶୁ ସୁରକ୍ଷା, ପ୍ରାକୃତିକ ବିପର୍ଯ୍ୟୟ, ସରକାରଙ୍କ ବିକାଶମୂଳକ କାର୍ଯ୍ୟକ୍ରମ ଅନ୍ୟାନ୍ୟ ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ବିଭିନ୍ନ ସଂଘଠାରୁ ମୋଟା ଅଙ୍କର ଅର୍ଥ ନେବାକୁ ସମ୍ପୃକ୍ତ ଅଧିକାରୀମାନେ ଦାବି କରୁଥିବା ଏବଂ ପ୍ରତି ସଚେତନ କାର୍ଯ୍ୟକ୍ରମ ପାଇଁ ଉଦ୍ଦିଷ୍ଟ ଥିବା ପ୍ରାପ୍ୟ କଳାକାରଙ୍କୁ ନ ଦେଇ ସେଥିରୁ ୫୦୦ ଟଙ୍କା କମ୍ କରି ଦିଆଯାଉଥିବା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ପ୍ରତି ପଞ୍ଚାୟତର କଳାକାରଙ୍କୁ ନେଇ ଏକ ବୈଠକ କରିବାକୁ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ ନାରୀନେତ୍ରୀ ସୁମତି ନାଏକ, ନିଖିଳ ଓଡ଼ିଶା ପାଇକ ମହାସଂଘ କଣିହାଁ ବ୍ଲକ ସଭାପତି ନବଘନ ବିଶି, କଣିହାଁ ବ୍ଲକର ମା' ହିଙ୍ଗୁଳା ପାଲା ଗାୟକ ସଂଘ ସଭାପତି ବିଦ୍ୟାଧର ସାହୁ, ଜିଲା କଳାକାର ସାମ୍ମୁଖ୍ୟ, ଉପସଭାପତି ଶାନ୍ତିଲତା ଦାସ, କଣିହାଁ ବ୍ଲକ ସଭାପତି ନୟନ ଦେହୁରୀ, ଜିଲା ସହ ସମ୍ପାଦିକା ମଲ୍ଲିରାଣୀ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ବିଭିନ୍ନ ପଞ୍ଚାୟତର ପ୍ରମୁଖ କଳାକାରମାନେ ସହଯୋଗ କରିଥିଲେ।

# ମୁକ୍ତ, ଅବାଧ ନିର୍ବାଚନ ପାଇଁ ପରାମର୍ଶ

ଆଠମଲ୍ଲିକ,୪।୩ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ମହାବିଦ୍ୟାଳୟ ସଭାଗୃହରେ ଆସନ୍ତା ସାଧାରଣ ନିର୍ବାଚନ ପାଇଁ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ତଥା ରିଟର୍ନିଂ ଅଧିକାରୀ ଡ. ଜିତେନ୍ଦ୍ର କୁମାର ପାତ୍ର ଯୋଗ ଦେଇ ଆସନ୍ତା ସାଧାରଣ ନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ ଭାବେ କରିବା ପାଇଁ ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଏହି ଶିବିରରେ ଆଠମଲ୍ଲିକ ନିର୍ବାଚନମଣ୍ଡଳୀର ସମସ୍ତ ବୁଥ ଅଧିକାରୀ ଓ ସୁପରଭାଇଜର, ଶିକ୍ଷକ, ଅଙ୍ଗନୱାଡ଼ି ୱାର୍କର ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। ବିଡିଓ ସୌଭାଗ୍ୟ ବେହେରା, ତହସିଲଦାର ଶ୍ୟାମସୁନ୍ଦର ସାହୁ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁଜିତ କୁମାର ଭୋଇ, ଡେପୁଟି କଲେକ୍ଟର ପ୍ରଭୁପିୟୂସ ମହାପାତ୍ର, କିଶୋରନଗର ତହସିଲଦାର ମନୋଜ ପ୍ରଧାନ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କୈବଲ୍ୟ କଅଁର, ପଞ୍ଚାୟତ ଅଧିକାରୀ ସୁତୀକ୍ଷ୍ଣା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

# ସାମାଜିକ ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ



ସାମାଜିକ ପ୍ରକଳ୍ପଗୁଡିକର ଉଦ୍‌ଘାଟନ ଅବସରରେ କେନ୍ଦ୍ରମନ୍ତ୍ରୀଙ୍କ ସହିତ ଅନ୍ୟମାନେ।

ତାଳଚେର, ୪।୩ (ମନୋଜ ନନ୍ଦ)

କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଅନୁଗୋଳ ଜିଲା ତାଳଚେର ଦେଉଳବେଢ଼ା ତେଲିସାହି ଗ୍ରାମରେ ଏକ କଲ୍ୟାଣ ମଣ୍ଡପ, ଗ୍ରାମର ସୁସଜ୍ଜିତ ମୁଖ୍ୟ ତୋରଣ ଏବଂ ନାଚ ମଣ୍ଡପର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ ଗ୍ରାମବାସୀଙ୍କୁ ଅଭିନନ୍ଦନ ଜଣାଇବା ସହ କହିଛନ୍ତି, ପ୍ରାୟ ୨୬ ଲକ୍ଷ ଟଙ୍କା ବ୍ୟୟରେ ଉଦ୍‌ଘାଟିତ ହୋଇଥିବା ସମସ୍ତ ପ୍ରକଳ୍ପ ଗାଁରେ ବାହାଘର, ବ୍ରତଘର ଭଳି ମାଙ୍ଗଳିକ, ସାଂସ୍କୃତିକ, ଧାର୍ମିକ ଓ ସାମାଜିକ କାର୍ଯ୍ୟରେ ସହଯୋଗର ଭୂମିକା ଗ୍ରହଣ କରିବ। ଗ୍ରାମବାସୀ ଏହି ସବୁ ବ୍ୟବସ୍ଥା ଦ୍ୱାରା ବିଶେଷ ଉପକୃତ ହୋଇପାରିବେ। ଗାଁର ଯୁବବନ୍ଧୁଙ୍କ ଉତ୍ସାହ କାରଣରୁ ଏହିସବୁ କାମ ସମ୍ଭବ ହୋଇପାରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ନେତୃତ୍ୱ ଓ ବିକାଶର କଳ୍ପନାରେ ଏହିସବୁ ସାମାଜିକ କାର୍ଯ୍ୟରେ ଏମ୍‌ସିଏଲ୍ ସହଯୋଗୀ ହୋଇଥିବାରୁ କେନ୍ଦ୍ରମନ୍ତ୍ରୀ ଏମସିଏଲକୁ ଧନ୍ୟବାଦ ଜଣାଇଛନ୍ତି।

କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି, ଅନୁଗୋଳ ଜିଲା ପାଇଁ ସୋମବାର ଏକ ବିଶେଷ ଦିନ। ଜିଲାରେ ଶିକ୍ଷା ଓ ଦକ୍ଷତା ବିକାଶକୁ ଆଗକୁ ନେବା ପାଇଁ ଆଇଆଇଏମ୍ ମୁମ୍ବାଇ ଓ ଆଇଆଇଏମ୍ ସମ୍ବଲପୁର ଦ୍ୱାରା ପରିଚାଳିତ ହେବାକୁ ଥିବା ମ୍ୟାନେଜମେଣ୍ଟ ଶିକ୍ଷା କେନ୍ଦ୍ର ଅନୁଗୋଳରେ ଉଦ୍‌ଘାଟିତ ହୋଇଛି। କେନ୍ଦ୍ରୀୟ ବିଦ୍ୟାଳୟର ନୂତନ ଭବନ ସହ ସ୍କିଲ ଇଣ୍ଡିଆ ସେଣ୍ଟର, ଜନ ଶିକ୍ଷଣ ସଂସ୍ଥାନର ଲୋକାର୍ପଣ ଭଳି କାର୍ଯ୍ୟକ୍ରମ ଗୁଡିକ ଜିଲାକୁ ଗୁଣାତ୍ମକ ଶିକ୍ଷା, ମ୍ୟାନେଜମେଣ୍ଟ ଏବଂ ଦକ୍ଷତା କ୍ଷେତ୍ରରେ ଅଗ୍ରଣୀ କରାଇବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରକାଶ କରିଛନ୍ତି।

**ଦୁର୍ଗାପ୍ରସାଦ ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା**

ଢେଙ୍କାନାଳ,(ରତନ ନାୟାର): ଢେଙ୍କାନାଳ ଜିଲା ସଦର ବ୍ଲକ ବେଲଟିକିରି ପଞ୍ଚାୟତର ବନ୍ଧ ନୂଆଗାଁ ଗ୍ରାମର ପଡ଼ାଗ୍ରାମ ଦୁର୍ଗାପ୍ରସାଦକୁ ରାଜସ୍ୱ ଗ୍ରାମ ମାନ୍ୟତା ପ୍ରଦାନ କରାଯାଇଛି। ଏ ସମ୍ପର୍କରେ କଟକସ୍ଥିତ ବୋର୍ଡ ଅଫ୍ ରେଭିନ୍ୟୁ ବିଭାଗ ପକ୍ଷରୁ ପତ୍ର ସଂଖ୍ୟା ନଂ-୧୯୧୨୪,୮୦୧/ତା ୪।୩।୨୦୨୪ରେ ବିଭାଗର କୋର୍ଟ ଅଧିକାରୀ ଜିଲାପାଳଙ୍କୁ ପତ୍ର ମାଧ୍ୟମରେ ସୂଚନା ଦେଇଥିବା ଜଣାପଡିଛି। ବହୁ ଆନ୍ଦୋଳନ, ଧାରଣା ଓ ସଂଗ୍ରାମ ପରେ ଦୁର୍ଗାପ୍ରସାଦ ଗ୍ରାମ ରାଜସ୍ୱ ଗ୍ରାମର ମାନ୍ୟତା ପାଇଥିବା ଗ୍ରାମର ପୂର୍ବତନ ସଭାପତି ମାଧବାନନ୍ଦ କର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଢେଙ୍କାନାଳରେ ଭାଜପାର ମହା ମିଶ୍ରଣ ପର୍ବ




କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ନୂତନ କରି ଭାଜପାରେ ଯୋଗ ଦେଇଥିବା ନେତାମାନେ।

**■ପଦ୍ମ ଧରିଲେ ପୂର୍ବତନ ମନ୍ତ୍ରୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ**

**■ମୋଦିଙ୍କ ଦୃଢ଼ ନେତୃତ୍ୱର ଏକ ଝଲକ-ଧର୍ମେନ୍ଦ୍ର**

ଢେଙ୍କାନାଳ,୪।୩(ରତନ ନାୟାର)

ଢେଙ୍କାନାଳ ସହର କଲେଜ ବାଇପାସସ୍ଥିତ ଭାଜପାର ଜିଲା କାର୍ଯ୍ୟାଳୟଠାରେ ସୋମବାର କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଏକ ମହାମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ନିକଟରେ କଂଗ୍ରେସ ଛାଡ଼ିଥିବା ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ପୂର୍ବତନ ଜିଲା କଂଗ୍ରେସ ସଭାପତି ସୁରେଶ ପାଣିଗ୍ରାହୀ ଓ ସରୋଜ ପଟ୍ଟନାୟକ, ବିଜେଡିରୁ ନିଲମ୍ବିତ ହୋଇଥିବା କଙ୍କଡ଼ାହାଡ଼ ବ୍ଲକର ପୂର୍ବତନ ଅଧ୍ୟକ୍ଷ କାର୍ତ୍ତିକ ସାହୁଙ୍କ ସମେତ ୬୦୦ରୁ ଊର୍ଦ୍ଧ୍ୱ କର୍ମୀ ଏହି ମହାମିଶ୍ରଣ ପର୍ବରେ ଉପସ୍ଥିତ ରହି ଭାଜପାରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ନିକଟରେ ଭାଜପାରେ ଯୋଗ ଦେଇଥିବା ପୂର୍ବତନ ବିଧାୟକ ନବୀନ ନନ୍ଦ ଓ ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ କୋଦଣ୍ଡଧର ସାହୁ ମଧ୍ୟ ନିଜ ସମର୍ଥକଙ୍କ ଗହଣରେ ଉପସ୍ଥିତ ଥିଲେ।

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଲେ, ମୋଦି ଗ୍ୟାରେଣ୍ଟି ଉପରେ ଆସ୍ଥା ପ୍ରକଟ କରି ଦଳରେ ଯୋଗ ଦେଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ। କର୍ମକର୍ତ୍ତାଙ୍କ ରାଜନୈତିକ ଅନୁଭବ ଓ ଉପସ୍ଥିତି ଢେଙ୍କାନାଳ ଜିଲା ସମେତ ଦଳୀୟ ସଙ୍ଗଠନକୁ ତୃଣମୂଳସ୍ତରରେ ଆହୁରି ସୁଦୃଢ଼ କରିବ। ମୋଦିଙ୍କ ଦୃଢ଼ ନେତୃତ୍ୱ ଓ କଲ୍ୟାଣକାରୀ ପଦକ୍ଷେପର ଏହା ଏକ ଝଲକ। ଦେଶରେ ଏକ ନିର୍ଣ୍ଣାୟକ ଓ ମଜଭୁତ ସରକାର ସମସ୍ତେ ଚାହୁଁଛନ୍ତି। ଆସନ୍ତା ସାଧାରଣ ନିର୍ବାଚନରେ ଢେଙ୍କାନାଳ ଜିଲାର ୪ ବିଧାନସଭା ଆସନ ଭାଜପା ଜିତିବ। ଜିଲାରେ ଗାଁ ଭାଙ୍ଗୁଥିବା, ଅତ୍ୟାଚାରୀ ଓ ବେପାରୀଙ୍କୁ ହଟାଇବା ପାଇଁ କେନ୍ଦ୍ରମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସେ କଂଗ୍ରେସ ଦଳର ପୂର୍ବତନ ଟାଣୁଆ ନେତା ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ପୂର୍ବତନ ଜିଲା କଂଗ୍ରେସ ସଭାପତି ସୁରେଶ ପାଣିଗ୍ରାହୀ ଓ ସରୋଜ ପଟ୍ଟନାୟକ, ପୂର୍ବତନ ବିଧାୟକ ନବୀନ ନନ୍ଦ, ପୂର୍ବତନ ଜିଲା ପରିଷଦ ଉପସଭାପତି କୋଦଣ୍ଡଧର ସାହୁ, କଙ୍କଡ଼ାହାଡ଼ ବ୍ଲକର ପୂର୍ବତନ ଅଧ୍ୟକ୍ଷ କାର୍ତ୍ତିକ ସାହୁଙ୍କ ସମେତ ପରଜଙ୍ଗ ବିଧାନସଭା ନିର୍ବାଚନ ମଣ୍ଡଳୀର କଂଗ୍ରେସ ଓ ବିଜେଡି ଦଳର ଶତାଧିକ କର୍ମୀ, ବ୍ୟକ୍ତିବିଶେଷ ଓ ସାମାଜିକ କର୍ମୀଙ୍କୁ ଭାଜପାକୁ ସ୍ୱାଗତ କରିଥିଲେ। ଭାଜପାର ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ଗୋଲକ ପ୍ରସାଦ ମହାପାତ୍ର, ନରେଶଚନ୍ଦ୍ର ମହାପାତ୍ର, କୃଷ୍ଣଚନ୍ଦ୍ର ପାତ୍ର, ଅଞ୍ଜଳି ବେହେରା, ବିଭୂତି ପ୍ରଧାନ, ଶତ୍ରୁଘ୍ନ ଜେନା, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ପ୍ରେମାନନ୍ଦ ଜେନା, ଶର୍ମିଷ୍ଠା ବେହେରା, ରାମଚନ୍ଦ୍ର ପାତ୍ର, ନିରଜ ନଳିନୀ ମହାଳିକ, ସୁନୀଲ ଶର୍ମା, ନବକିଶୋର ଗୁରୁ, ରାସ ବିହାରୀ ବେହେରା, ରତିକାନ୍ତ ସାହୁ, ଦେବଦତ୍ତ ପଟ୍ଟନାୟକ, ବିଷ୍ଣୁପ୍ରସାଦ ଲେଙ୍କା, ସନାତନ ବେହେରା, ଦୀପକ ଗୋଚ୍ଛାୟତ, ସତ୍ୟରଞ୍ଜନ ଭୂୟାଁ ଓ ଅଞ୍ଜନ ପାଣିଙ୍କ ସମେତଶତାଧିକକର୍ମୀଯୋଗଦେଇଥିଲେ।

## କିଛିଦିନ ପରେ ବିଜେଡି ଖାଲି ହୋଇଯିବ

ଢେଙ୍କାନାଳ ଜିଲା ଭାଜପା କାର୍ଯ୍ୟାଳୟରେ ମହାମିଶ୍ରଣ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଜେଡିକୁ ଟାର୍ଗେଟ କରିଥିଲେ। କଙ୍କଡ଼ାହାଡ଼ ବ୍ଲକର ପୂର୍ବତନ ଅଧ୍ୟକ୍ଷ କାର୍ତ୍ତିକ ସାହୁ ପରଜଙ୍ଗ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡିର ଏକ ବଡ଼ସ୍ତମ୍ଭ ଥିବାବେଳେ ତାଙ୍କୁ ନିଲମ୍ବିତ କରାଗଲା। ଆଉ କିଛିଦିନ ପରେ ବିଜେଡି ଖାଲି ହୋଇଯିବ। ବହିଷ୍କାର କରିବା ପାଇଁ ଲୋକ ନ ଥିବେ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ।

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଧାରଣା

**ଏକାଦଶୀ ମହାଳିକ ହତ୍ୟା ଘଟଣା**

ଢେଙ୍କାନାଳ,୪।୩(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ଥାନା ଗୁଣ୍ଡାରାପଶି ପଞ୍ଚାୟତର ବରସାହିରେ ରବିବାର ସୁଧଟଙ୍କା ନ ଶୁଝିବାରୁ ଏକାଦଶୀ ମହାଳିକ(୫୫)ଙ୍କୁ ସେହି ଗ୍ରାମର ୪ଜଣ ବ୍ୟକ୍ତି ଟାଙ୍ଗିଆ ଓ କଟୁରିରେ ହାଣି ହତ୍ୟା କରିଥିଲେ। ଏହି ଘଟଣାର ୨୪ ଘଣ୍ଟା ପରେ ମଧ୍ୟ ସମସ୍ତ ଅଭିଯୁକ୍ତ ଧରା ପଡ଼ିନାହାନ୍ତି। ପୋଲିସ ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ତେବେ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ଦାବିରେ ପରିବାର ଲୋକେ ମୃତଦେହକୁ ବ୍ୟବଚ୍ଛେଦ ପରେ ସୋମବାର ଜିଲା କାର୍ଯ୍ୟାଳୟ ସମ୍ମୁଖରେ ରଖି ଧାରଣା ଦେଇଥିଲେ। ମୃତ ଏକାଦଶୀଙ୍କ ବଡଭାଇ ବ୍ରଜମୋହନ ମହାଳିକ ଓ ପୁତୁରା ସାଗର ମହାଳିକ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ସହ ସେମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦାବି କରିଥିଲେ। ଖବରପାଇ ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର ପହଞ୍ଚି ବୁଝାଶୁଝା କରିବା ସହିତ ଖୁବ୍‌ଶୀଘ୍ର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି କହିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏକାଦଶୀ କରଜ କରିଥିବା ୧୫ହଜାର ଟଙ୍କା ପରିଶୋଧ କରିଥିବା ବେଳେ ଅଭିଯୁକ୍ତମାନେ ସୁଧ ବାବଦକୁ ଦେଢଲକ୍ଷ ଟଙ୍କା ମାଗୁଥିଲେ ବୋଲି ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଗଁଦିଆ ଥାନାରେ ନଂ-୯୪।୨୪ରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି।

# ଏଟିଏମ୍‌ରୁ ଟଙ୍କା ହଡ଼ପ

ଢେଙ୍କାନାଳ,୪।୩(ରତନ ନାୟାର)

ଢେଙ୍କାନାଳ ସହର ଲକ୍ଷ୍ମୀବଜାର ଅଞ୍ଚଳରେ ଥିବା ଏକ ବ୍ୟାଙ୍କର ଏଟିଏମ୍‌ରୁ ଜଣେ ବ୍ୟକ୍ତିଙ୍କ ଆକାଉଣ୍ଟରେ ଥିବା ଟଙ୍କାକୁ ସୋମବାର ଚଞ୍ଚକତା କରି ଅନ୍ୟ ଜଣେ ହଡପ କରି ନେଇଥିବା ଜଣାପଡିଛି। ଜଣେ ବ୍ୟକ୍ତି ନିଜର ଏଟିଏମ୍ କାର୍ଡ ନେଇ ଏଟିଏମ୍‌ରେ ଭର୍ତ୍ତି କରିବା ପରେ ପିନ୍ ନମ୍ବର ଦେଇଥିଲେ ମଧ୍ୟ ଟଙ୍କା ଉଠି ନ ଥିଲା। ଏହି ସମୟରେ ତାଙ୍କ ପଛ ପାଖରେ ଥିବା ଅନ୍ୟଜଣେ ଯୁବକ ଉକ୍ତ ପିନ୍ ନମ୍ବରକୁ ଦେଖି ନେଇଥିଲେ। ଟଙ୍କା ନ ବାହାରିବାରୁ ସମ୍ପୃକ୍ତ ବ୍ୟକ୍ତି ଉପରେ ଥିବା ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଜଣାଇବା ପାଇଁ ଯାଇଥିଲେ। ଏହି ସମୟରେ ଏଟିଏମ୍ କାଉଣ୍ଟରରେ ତାଙ୍କ ପଛରେ ଥିବା ଯୁବକ ଜଣକ ଚଞ୍ଚକତା କରି ଉକ୍ତ ଏଟିଏମ୍ ଜରିଆରେ ୨୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ନେଇ ପଳାଇଥିବା ଜଣାପଡିଛି।

# ଅଭିଯୁକ୍ତଙ୍କୁ ନେଇ ସିନ୍ ରିକ୍ରିଏଶନ କଲା ପୋଲିସ

**ଜସ୍ମିନ ହତ୍ୟା ମାମଲା**

ଢେଙ୍କାନାଳ,୪।୩(ରତନ ନାୟାର)



ପୋଲିସ ହେପାଜତରେ ଥିବା ଅଭିଯୁକ୍ତମାନଙ୍କୁ ନିଆଯାଇ ସିନ୍ ରିକ୍ରିଏସନ କରାଯାଉଛି।

ଢେଙ୍କାନାଳ ଜିଲା ସଦର ଥାନା ମଙ୍ଗଳପୁର ପଞ୍ଚାୟତର ମଜୁରି ଗ୍ରାମର ଜଳନ୍ଧର ସାହୁଙ୍କ କନ୍ୟା ତଥା ଢେଙ୍କାନାଳ ସରକାରୀ ମହିଳା ଜୁନିୟର କଲେଜର ଯୁକ୍ତ୨ ପ୍ରଥମବର୍ଷ ବିଜ୍ଞାନ ଛାତ୍ରୀ ଜସ୍ମିନ ସାହୁଙ୍କ ହତ୍ୟା ମାମଲାରେ ପୋଲିସ ହେପାଜତରେ ଥିବା ୩ ଅଭିଯୁକ୍ତଙ୍କୁ ସୋମବାର ନିଆଯାଇ ସିନ୍ ରିକ୍ରିଏସନ କରାଯାଇଛି। ସୋମବାର ପୋଲିସ ଉପସ୍ଥିତିରେ ୩ ଅଭିଯୁକ୍ତ ଢେଙ୍କାନାଳ-ଭାପୁର ରାସ୍ତାର ମଜୁରି ଛକ ନିକଟସ୍ଥ କଇଁଆଗଡାଣୀ ଆମ୍ବଗଛ ପାଖ ଅଞ୍ଚଳରେ ସଶସ୍ତ୍ର ପୋଲିସ ଉପସ୍ଥିତିରେ ଜସ୍ମିନଙ୍କୁ ଯୋଜନାବଦ୍ଧ ଭାବେ କିପରି ହତ୍ୟା କରାଯାଇଥିଲା ତାହାର ସିନ୍ ରିକ୍ରିଏସନ କରାଯାଇଥିଲା। ଏହି ଅବସରରେ ପୋଲିସ ବିଭାଗର ଅଧିକାରୀ, ତଦନ୍ତକାରୀ ଅଫିସରମାନେ ମଧ୍ୟ ଉପସ୍ଥିତ ଥିଲେ। ମଙ୍ଗଳବାର ଏହି ଘଟଣାର ପର୍ଦ୍ଦାଫାସ ହେବାର ସମ୍ଭାବନା ରହିଛି।

## ୧୩ ଅଭିଯୋଗର ସମାଧାନ

ଢେଙ୍କାନାଳ,୪।୩(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୯୬ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରୁ ୧୩ଟି ଅଭିଯୋଗର ସମାଧାନ କରାଯାଇଥିଲା। ଜିଲାପାଳ ମନୋରଞ୍ଜନ ମଲ୍ଲିକ ଅଭିଯୋଗ ଗୁଡିକର ଶୁଣାଣି କରି ସମାଧାନ କରିଥିଲେ। ଏସ୍‌ପି ମଡକର ସନ୍ଦୀପ ସମ୍ପତ୍‌ଙ୍କ ସମେତ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଗଁଦିଆ ତହସିଲଦାର ସୁଧାଂଶୁ କୁମାର ସାଓଙ୍କ ସମେତ ବ୍ଲକ ଓ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ପାଇଖାନା ନିର୍ମାଣ କାର୍ଯ୍ୟ ନିମ୍ନମାନର ଅଭିଯୋଗ

ଢେଙ୍କାନାଳ,୪।୩(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କାଣ୍ଡବିନ୍ଧା ପଞ୍ଚାୟତର ଅଙ୍ଗନୱାଡି କେନ୍ଦ୍ରରେ ପାଇଖାନା ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବାରୁ ଗ୍ରାମବାସୀ ସୋମବାର ଜିଲାପାଳ ମନୋରଞ୍ଜନ ମଲ୍ଲିକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେମାନେ ଦର୍ଶାଇଛନ୍ତି, ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା ୪ ନମ୍ବର ଅଙ୍ଗନୱାଡି କେନ୍ଦ୍ରର ପାଇଖାନା ଗୃହ ନିର୍ମାଣର କାର୍ଯ୍ୟାଦେଶ ଜଣେ କନିଷ୍ଠଯନ୍ତ୍ରୀଙ୍କ ନାମରେ ଅଛି। ଏହାକୁ ନୂତନ ଭାବରେ ନିର୍ମାଣ ନ କରି ସେହି କେନ୍ଦ୍ରରେ ଥିବା ଏକ ପୁରୁଣା କାନ୍ଥକୁ ଆବଦ୍ଧ କରି ନିର୍ମାଣ କରାଯାଉଛି। ପାଇଖାନା ଟାଙ୍କିର ଗଭୀରକୁ ମାତ୍ର ୨ ଫୁଟ ଖୋଳାଯାଇଛି। ଉକ୍ତ ପାଇଖାନା ପାଇଁ ସରକାରଙ୍କ ତରଫରୁ ୨୪ ହଜାର ଟଙ୍କା ମଞ୍ଜୁର ହୋଇଛି ବୋଲି ଗ୍ରାମବାସୀମାନେ କହିଛନ୍ତି। ସୂଚନା ଫଳକ ମଧ୍ୟ ଲେଖାଯାଉ ନାହିଁ। ପାଇଖାନା ଗୃହଟି ନିମ୍ନମାନର ନିର୍ମାଣ ହୋଇଥିବାରୁ ଅଙ୍ଗନୱାଡିରେ ପଢୁଥିବା କୁନି କୁନି ପିଲାଙ୍କ ଜୀବନ ପ୍ରତି ବିପଦ ରହିଛି ବୋଲି ଗ୍ରାମବାସୀ ବିରୋଧ କରିବା ସହିତ ଏକ ଅଭିଯୋଗ ପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ଅଭିଯୋଗପତ୍ର ପ୍ରଦାନ ବେଳେ ଗ୍ରାମବାସୀ ଅଥାନି ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ସୁରେଶ ଚନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଆହତ ହାତୀକୁ ଟ୍ରାଙ୍କୁଲାଇଜ

ସାତମାଇଲ,୪।୩(ସୁଶାନ୍ତ ପତି)/(ରତନ ନାୟାର)

ହିନ୍ଦୋଳ ବନାଞ୍ଚଳ ପଞ୍ଚପଡା ସଂରକ୍ଷିତ ଜଙ୍ଗଲରେ ଆହତ ହାତୀକୁ ସୋମବାର ବନବିଭାଗ ଟ୍ରାଙ୍କୁଲାଇଜ୍ କରିଛି। ସାତକୋଶିଆ ଡାକ୍ତର କିଶୋର ଚନ୍ଦ୍ର ସାହୁ ଟ୍ରାଙ୍କୁଲାଇଜ୍ କରିବା ପରେ ଚିକିତ୍ସା ନିମନ୍ତେ ହାତୀକୁ କପିଳାସ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ଏସିଏଫ ସତ୍ୟାନନ୍ଦ ସାହୁ, ରେଞ୍ଜର ଲୋହିତ ରଥଙ୍କ ତତ୍ତ୍ୱାବଧାନରେ ଟ୍ରାଙ୍କୁଲାଇଜ କରାଯାଇଥିଲା। ହାତୀକୁ ଏକ ହାଇଓ୍ୱା ଯୋଗେ ଢେଙ୍କାନାଳ ସହର ମଧ୍ୟ ଦେଇ ରାତି ୧୦ଟା ୪୫ରେ କପିଳାସ ପ୍ରାଣୀ ଉଦ୍ୟାନ ଅଭିମୁଖେ ନିଆଯାଇଥିଲା। ସୁରକ୍ଷାକୁ ନଜରରେ ରଖାଯାଇ ସହରରୁ ୪୫ ମିନିଟ୍ ବିଦ୍ୟୁତ୍ କାଟ କରାଯାଇଥିଲା। ହାତୀକୁ ଦେଖିବା ପାଇଁ ଗଣେଶ ବଜାରଠାରେ ଲୋକେ ଭିଡ଼ ଜମାଇଥିଲେ।

# କାରଖାନା କ୍ଷତିଗ୍ରସ୍ତ ପ୍ରଜାଙ୍କ ଆନ୍ଦୋଳନ

ଓଡ଼ାପଡ଼ା,୪।୩(ରଞ୍ଜିତ ନାୟକ)

ଢେଙ୍କାନାଳ ଜିଲା ମେରାମଣ୍ଡଳୀ ଝାଡବନ୍ଧସ୍ଥିତ ରୁଙ୍ଗଟା କାରଖାନା କ୍ଷତିଗ୍ରସ୍ତ ପ୍ରଜାମାନେ ଦାବି ହାସଲ ପାଇଁ ସୋମବାର କାରଖାନା ରାସ୍ତା ଅବରୋଧ କରିଥିଲେ। କ୍ଷତିଗ୍ରସ୍ତ ପ୍ରଜାମାନେ ଅଭିଯୋଗ କରିଛନ୍ତି, କାରଖାନା କର୍ତ୍ତୃପକ୍ଷ ଜମି ନେବା ପରେ ଜମିହରା ପ୍ରଜାଙ୍କୁ ଅଣଦେଖା କରୁଛନ୍ତି। ଆନ୍ଦୋଳନ ଖବରପାଇ ପୋଲିସ, ପ୍ରଶାସନିକ ଅଧିକାରୀ ଓ କାରଖାନା ଅଧିକାରୀ ପହଞ୍ଚି ବୁଝାଶୁଝା କରିଥିଲେ। ପରେ ଓଡ଼ାପଡ଼ା ତହସିଲଦାର ମହେଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମେରାମଣ୍ଡଳୀ ହରିଜନ ସାହିର କ୍ଷତିଗ୍ରସ୍ତ ପ୍ରଜାଙ୍କୁ ଦୈନନ୍ଦିନ ଟ୍ୟାଙ୍କରରେ ପାନୀୟ ଜଳ ଯୋଗାଇ ଦିଆଯିବ। ୧୫ ଦିନ ମଧ୍ୟରେ ନଳକୂଅ ବସାଇବାକୁ ନିଷ୍ପତ୍ତି ନିଆଯାଇଥିଲା। ବେକାରଙ୍କୁ ଚାକିରି ବ୍ୟବସ୍ଥା କରାଯିବା ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରାଯାଇ ଓଡ଼ାପଡ଼ା ତହସିଲଦାର ମହେଶ୍ୱର ବେହେରାଙ୍କୁ ଜଣାଇବାକୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ତହସିଲଦାରଙ୍କ ସହିତ କାରଖାନା ପରିଚାଳନା ମୁଖ୍ୟ ପରିଚାଳକ ପୁଷ୍ପକ ରଞ୍ଜନ ଆଚାର୍ଯ୍ୟ, ଅଜୟ ଦାସ, ହିନ୍ଦୋଳ ଏସ୍‌ଡିପିଓ ଦୀପକ ରଞ୍ଜନ ଜେନା, ମୋଟଙ୍ଗା ଥାନା ଆଇଆଇସି ଜିତେନ୍ଦ୍ର ମଲ୍ଲିକ, କ୍ଷତିଗ୍ରସ୍ତ ପ୍ରଜାଙ୍କ ପକ୍ଷରୁ ବଦ୍ରିନାରାୟଣ ଦାସ, ସର୍ବଜ୍ଞ ସାହୁ, ପ୍ରିୟ ନାଏକ, ବିରଞ୍ଚି ନାଏକ, ପରିକ୍ଷିତ ନାଏକ ସରୋଜ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।



# ରାଜନୀତି ବିଜ୍ଞାନ ବିଭାଗ ବାର୍ଷିକ ଆଲୋଚନାଚକ୍ର



ରାଜନୀତି ବିଜ୍ଞାନ ବିଭାଗ ବାର୍ଷିକ ଆଲୋଚନାଚକ୍ରରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

ଢେଙ୍କାନାଳ,୪।୩(ରତନ ନାୟାର)

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ବାର୍ଷିକ ଆଲୋଚନାଚକ୍ର ମହାବିଦ୍ୟାଳୟର ଅଧ୍ୟୟନ କକ୍ଷଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉନ୍ନୟନ ବିଶେଷଜ୍ଞ ଡ. ଗିରିଶ ପ୍ରସାଦ ସ୍ୱାଇଁ, ସୁଶାସନର ଦୁଇ ପ୍ରମୁଖ ଅଙ୍ଗ ସୂଚନା ଅଧିକାର ଅଧିନିୟମ ଓ ଲୋକସେବା ଅଧିକାର ଅଧିନିୟମ-୨୦୧୨ର ପ୍ରମୁଖ ଦିଗ ଉପରେ ଆଲୋକପାତ କରିଥିଲେ। ନାଗରିକ କେନ୍ଦ୍ରିତ ଲୋକସଭା ଅଧିକାର ଓ ସହଭାଗୀ ବିକାଶମୂଳକ ଅଭିଯୋଗର ସମାଧାନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ଜୟଦେବ ପାଢୀ ପାଠଚକ୍ରରେ ଅଧ୍ୟକ୍ଷତା କରିଥିଲେ। ଏହି ଆଲୋଚନାଚକ୍ରରେ ବିଭାଗୀୟ ମୁଖ୍ୟ ଡ. ଅମୃତ କୁମାର ସେଠୀ, ଡ. ଦିଲୀପ କୁମାର ମଲ୍ଲିକ ଉପସ୍ଥିତ ଥିଲେ। ଅଧ୍ୟାପକ ଡ. ଦେବରାଜ ପରିଡା ପାଠଚକ୍ରରେ ସୁଶାସନ ଉପରେ ଆଲୋଚନା ରଖିଥିଲେ। ରାଜନୀତି ବିଜ୍ଞାନ ବିଭାଗ ଛାତ୍ରୀ ଅର୍ଚ୍ଚନା ବାରିକ ଓ ସୋନାଲି ମହାଭୋଇ ଆଲୋଚନାଚକ୍ରକୁ ପରିଚାଳନା କରିଥିଲେ। ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ଖଗେଶ୍ୱର ନାଥ, ଡ. ରବର୍ଟ ଓ୍ୱିଲସନ ବଡ୍ରା, ପ୍ରକାଶଚନ୍ଦ୍ର ସାହୁ, ଡ. ଭୂପେଶ ଚନ୍ଦ୍ର ସାହୁ, ହରିହର ଦେହୁରୀ, ହିମାଂଶୁ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର

ପରଜଙ୍ଗ,୪।୩(ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ନିର୍ବାଚନମଣ୍ଡଳୀ ଦଦରାଘାଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ରାଜ୍ୟ ସରକାର ଓ ଜାତୀୟ ସ୍ୱାସ୍ଥ୍ୟ ମିଶନର ମିଳିତ ଆନୁକୂଲ୍ୟରେ ଏହି ନୂତନ ପ୍ରକଳ୍ପ ନିର୍ମାଣ ହେବ। ମୁଖ୍ୟ ଅତିଥି ଭାବେ ପରଜଙ୍ଗ ବିଧାୟକ ନୃସିଂହଚରଣ ସାହୁ ଯୋଗଦେଇ ଏହାର ଶୁଭ ଦେଇଥିଲେ। ଦଦରାଘାଟି ଦେଇ ଯାଇଥିବା ୧୪୯ ନମ୍ବର ଜାତୀୟ ରାଜପଥରେ ଅନେକ ସମୟରେ ଦୁର୍ଘଟଣା ଘଟି ଧନ, ଜୀବନ ନଷ୍ଟ ହେଉଛି। ପାଖରେ ପ୍ରାଥମିକ ସ୍ୱାସ୍ଥ୍ୟସେବା ଯୋଗାଇବା ଉଦ୍ଦେଶ୍ୟରେ ଏହି ନୂତନ ପ୍ରକଳ୍ପ ସାଧାରଣ ଲୋକଙ୍କ ପାଇଁ ନିତ୍ୟାନ୍ତ ଆବଶ୍ୟକ ଥିଲା ବୋଲି ବିଧାୟକ ନିଜ ବକ୍ତବ୍ୟରେ କହିଛନ୍ତି। ଅନ୍ୟ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ରୁନୁ ବର୍ମା, ଆଖୁଆପାଳ ସରପଞ୍ଚ ସସ୍ମିତା ସାହୁ, ସମିତି ସଭ୍ୟ ରେଣୁବାଳା ଭୋଇ, ସ୍ୱାସ୍ଥ୍ୟବିଭାଗର ବରିଷ୍ଠ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।



ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକଙ୍କ ସମେତ ଅନ୍ୟମାନେ।

# ଜୈବ ଉତ୍ପାଦନ କେନ୍ଦ୍ରକୁ ତୀବ୍ର ବିରୋଧ

**ଜବରଦଖଲ ଉଚ୍ଛେଦ ପ୍ରତିବାଦରେ ତାତିଲେ ଅଞ୍ଚଳବାସୀ**

ଢେଙ୍କାନାଳ,୪।୩(ରତନ ନାୟାର)

ଢେଙ୍କାନାଳ ସହର ୮ନଂ ୱାର୍ଡ ମହିଷାପାଟ ରେଙ୍ଗାଳି କଲୋନି ନିକଟରେ ପାହାଡ ତଳେ ପୌରସଂସ୍ଥା ପକ୍ଷରୁ ଜୈବ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା ପାଇଁ ସୋମବାର ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଏହାକୁ ସ୍ଥାନୀୟ ଅଧିବାସୀ ତୀବ୍ର ବିରୋଧ କରିଥିଲେ। ଏପରିକି ଜବରଦଖଲ ଉଚ୍ଛେଦ କରିବା ପାଇଁ ପାଇଁ ଆସିଥିବା ଜେସିବି ମେଶିନ ଆଗରେ ଅଞ୍ଚଳବାସୀ ହୋହଲ୍ଲା କରିଥିଲେ। ଉକ୍ତ ଅଞ୍ଚଳର ଶତ୍ରୁଘ୍ନ ଷେଣ୍ଡ, ସୌଭାଗ୍ୟ ରଞ୍ଜନ ଜେନା ଏବଂ ଗୀତାଞ୍ଜଳି ମିଶ୍ର, ସ୍ୱପ୍ନରାଣୀ ଜେମ୍‌ସ ପ୍ରମୁଖଙ୍କ ସମେତ ରାମେଶ୍ୱର ମାଇତି ପ୍ରମୁଖ ତୀବ୍ର ପ୍ରତିବାଦ କରିଥିଲେ। ସାମାଜିକ କର୍ମୀ ଦୀପକ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ଅଞ୍ଚଳବାସୀଙ୍କ ସମସ୍ୟାର ସମାଧାନ ପାଇଁ ପୌରଯନ୍ତ୍ରୀ ରଶ୍ମିତା ମିଶ୍ରଙ୍କ ସହିତ ଆଲୋଚନା କରିଥିଲେ। ଏ ସଂକ୍ରାନ୍ତରେ ପୌର ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ କହିଛନ୍ତି, ସରକାରଙ୍କ ପକ୍ଷରୁ ଏକ ଜୈବ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା ପାଇଁ ସରକାରୀ ଜାଗାରେ ଏହି ପ୍ରକଳ୍ପ ନିର୍ମାଣ ହେବ। ଉକ୍ତ ସରକାରୀ ଜାଗାକୁ କିଛି ଲୋକ ଜବରଦଖଲ କରି ନେଇଥିବାରୁ ଏହାକୁ ଉଚ୍ଛେଦ କରାଯାଉଛି। ସ୍ଥାନୀୟ ଅଧିବାସୀଙ୍କୁ ବୁଝାଶୁଝା କରାଯାଇଛି। ମଙ୍ଗଳବାର ମଧ୍ୟ ସେମାନଙ୍କ ସହିତ ଆଲୋଚନା କରାଯିବ ବୋଲି ନିର୍ବାହୀ ଅଧିକାରୀ କହିଥିଲେ।



୮ନଂ ୱାର୍ଡ ମହିଷାପାଟ ରେଙ୍ଗାଳି କଲୋନି ନିକଟରେ ଜବରଦଖଲକୁ ବିରୋଧ କରାଯାଉଛି।

## ଜାଗରରେ କପିଳାସରେ ପଲିଥିନ ସମ୍ପୂର୍ଣ୍ଣ ନିଷେଧ

ଢେଙ୍କାନାଳ,୪।୩(ରତନ ନାୟାର)

ଆସନ୍ତା ୮ ତାରିଖରେ ଢେଙ୍କାନାଳ ଜିଲା ତଥା ରାଜ୍ୟର ପ୍ରସିଦ୍ଧ ଶୈବପୀଠ କପିଳାସ ଠାରେ ପ୍ରସିଦ୍ଧ ଜାଗର ଯାତ୍ରା ଅନୁଷ୍ଠିତ ହେବ। ଚଳିତବର୍ଷ ଏହି ଜାଗର ଯାତ୍ରାରେ ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ଭାବେ ନିଷେଧ କରାଯାଇଛି। ଗତ ୨୦ ତାରିଖରେ ଜାଗର ଯାତ୍ରା ପ୍ରସ୍ତୁତି ବୈଠକର ନିଷ୍ପତ୍ତି ଅନୁଯାୟୀ ଏହି ନିର୍ଦ୍ଦେଶ ଦିଆଯାଇଛି। ଏ ସଂକ୍ରାନ୍ତରେ କପିଳାସ ପୀଠ ଅଞ୍ଚଳରେ ବ୍ୟବସାୟ କରୁଥିବା ଦୋକାନୀମାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଜଣାଇ ଦିଆଯାଇଛି। ପଲିଥିନ ବଦଳରେ ଖଲି, ଚଉପତି ଓ ଅନ୍ୟ ବ୍ୟାଗ ଦୋକାନୀମାନେ ବ୍ୟବହାର କରିପାରିବେ ବୋଲି ଢେଙ୍କାନାଳ ଉପଜିଲାପାଳ ସପନ କୁମାର ନନ୍ଦଙ୍କ ଦ୍ୱାରା ଦେବୋତ୍ତର ବିଭାଗରୁ ଜାରି ହୋଇଥିବା ଏକ ନିର୍ଦ୍ଦେଶନାମାରେ ସୂଚନା ଦିଆଯାଇଛି।



